**ବିଜେନ୍ଦର କୁମାର ଓରଫ୍ ବିଜୟ**

**ବନାମ**

**ଦିଲ୍ଲୀ ରାଜ୍ୟ**

**ଫୌଜଦାରୀ ଅପିଲ ସଂଖ୍ୟା 2093/2009 ।**

**ଏପ୍ରିଲ 28, 2010**

**[ହର୍ଜିତ୍ ସିଂହ ବେଦୀ ଏବଂ ସି.କେ. ପ୍ରସାଦ, ନ୍ୟାୟମୂର୍ତ୍ତିଦ୍ୱୟ]**

*ପିଙ୍ଗଳ ସଂହିତା, 1860:*

*ଧାରା 302 ଏବଂ ଧାରା 300, ବ୍ୟତିକ୍ରମ 4 - ଜଣେ ବସ ମାଲିକଙ୍କ ପୁଅ, ହେଲ୍ପର୍ (ଜଣେ ଅଳ୍ପବୟସ୍କ ବାଳକ) ବସ ଭଡ଼ାର କିଛି ଅଂଶ ଆତ୍ମସାତ କରିଥିବା ସନ୍ଦେହ କରି, ନିଜ ସ୍କୁଟରରୁ ଛୁରୀ ବାହାର କରି ବାଳକର ପେଟକୁ ଶକ୍ତ ଆଘାତ କରିବା - ସେହି ଦିନ ହିଁ ଡାକ୍ତରଖାନାରେ ପୀଡ଼ିତର ମୃତ୍ୟୁ - ବିଚାରଣ ଅଦାଲତଙ୍କ ଦ୍ୱାରା ଧାରା 302 ଅଧୀନରେ ଦୋଷୀ ସାବ୍ୟସ୍ତ - ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏହା ବଜାୟ ରଖାଯାଇଛି । ନିର୍ଣ୍ଣୟ ଦିଆଗଲା ଯେ: ତଥ୍ୟଗୁଡ଼ିକ ଧାରା 300 ର ବ୍ୟତିକ୍ରମ 4 ର ପ୍ରୟୋଗକୁ ଯଥାର୍ଥ ପ୍ରତିପାଦନ କରୁନାହିଁ - ସ୍ୱୀକାରଯୋଗ୍ୟ ଯେ, ଘଟଣାଟି ପୂର୍ବ-ପରିକଳ୍ପିତ ନଥିଲା - ତଥାପି ଆକସ୍ମିକ ସଂଘର୍ଷର ଆବଶ୍ୟକତା ଏଠାରେ ଅନୁପସ୍ଥିତ - ତଥ୍ୟରୁ ଜଣାପଡୁଛି ଯେ କୌଣସି ଆକସ୍ମିକ କଳିତକରାଳ ହୋଇନଥିଲା ଏବଂ ଏହା ଅଭିଯୁକ୍ତର ଏକତରଫା କାର୍ଯ୍ୟ ଥିଲା, କାରଣ ମୃତ ବାଳକ ଭଡ଼ା ଟଙ୍କା ଆତ୍ମସାତ କରିଥିବା ସନ୍ଦେହରେ ସେ ନିଜର ମାନସିକ ସନ୍ତୁଳନ ହରାଇଥିଲେ - ଏଥିରେ ମୃତ ବାଳକର କୌଣସି ଭୂମିକା ନଥିଲା - ଅଭିଯୁକ୍ତ ନିଜ ସ୍ଥିତିର ଅନୁଚିତ ଫାଇଦା ଉଠାଇଥିଲେ, ଯେହେତୁ ସେ ସ୍କୁଟର ପାଖକୁ ଦୌଡ଼ି ଯାଇ, ତାହାର ଡିକି ଖୋଲି, ଏକ ଛୁରୀ ବାହାର କରି ଜଣେ ଅଳ୍ପବୟସ୍କ ଏବଂ ନିରସ୍ତ୍ର ବାଳକର ଶରୀରରେ ଆଘାତ କରିଥିଲେ - ଏହା ମଧ୍ୟ ସୁପ୍ରତିଷ୍ଠିତ ଯେ ଏଭଳି କ୍ଷେତ୍ରରେ ଆଘାତର ସଂଖ୍ୟା ଅପରାଧର ପ୍ରକୃତି ନିର୍ଦ୍ଧାରଣ କରିବାରେ ନିର୍ଣ୍ଣାୟକ ନୁହେଁ, ବରଂ ମୁଖ୍ୟତଃ ଘଟଣା ପୂର୍ବର ପରିସ୍ଥିତି ଏବଂ କେବଳ ଘଟଣା ସମୟର ନୁହେଁ, ଅନ୍ୟାନ୍ୟ ଦିଗକୁ ଦେଖିବାକୁ ହେବ - ଅପିଲ ଖାରଜ ।*

ଫୌଜଦାରୀ ଅପିଲୀୟ କ୍ଷେତ୍ରାଧିକାରିତା: ଫୌଜଦାରୀ ଅପିଲ ସଂଖ୍ୟା 2093/2009 ।

ବିଜେନ୍ଦର କୁମାର ଓରଫ୍ ବିଜୟ ବନାମ ଦିଲ୍ଲୀ ରାଜ୍ୟ

ଫୌଜଦାରୀ ଅପିଲ ସଂଖ୍ୟା 351/2005 ରେ ନୂଆଦିଲ୍ଲୀସ୍ଥିତ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ୨.4.200୨ ତାରିଖର ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଅପିଲ ।

ଅପିଲକାରୀଙ୍କ ପକ୍ଷରୁ ସଞ୍ଜୀବ ଭଟ୍ଟନାଗର, ବ୍ରିଗେଡିୟର୍ ଏମ୍.ଏଲ୍. ଖଟ୍ଟର୍, କୁସୁମ ଚୌଧୁରୀ ।

ଉତ୍ତରଦାତାଙ୍କ ପକ୍ଷରୁ ଅଶୋକ ଭାନ୍, ସାଧନା ସାନ୍ଧୁ, ଅନୀଲ କାଟିୟାର୍ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

## ଆଦେଶ

1. ଅପରାଧର ପ୍ରକୃତି ସମ୍ବନ୍ଧରେ 29 ଜୁଲାଇ, 2009 ରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ଜାରି କରାଯାଇଥିବା ସୀମିତ ସୂଚନାକୁ ଦୃଷ୍ଟିରେ ରଖି, ମାମଲା ସହ ଜଡ଼ିତ କେବଳ ମୌଳିକ ତଥ୍ୟଗୁଡ଼ିକ ଆବଶ୍ୟକ ।

2. ମୃତ ଯୋଗେଶ, ଅପିଲକାରୀଙ୍କ ପିତାଙ୍କ ମାଲିକାନାରେ ଥିବା ଏକ ବସରେ ହେଲ୍‌ପର୍ ଭାବେ ନିଯୁକ୍ତ ଥିଲେ । ଯାତ୍ରୀମାନଙ୍କଠାରୁ ସଂଗ୍ରହ କରାଯାଉଥିବା ଭଡ଼ାର କିଛି ଅଂଶ ସେ ଆତ୍ମସାତ କରୁଥିବା ସନ୍ଦେହ କରାଯାଉଥିଲା । 2002 ମସିହା ଏପ୍ରିଲ 9 ତାରିଖରେ, ଯେତେବେଳେ ବସଟି ଦିଲ୍ଲୀର କରମପୁରା ବସ୍ ଟର୍ମିନାଲରେ ପାର୍କିଂ କରାଯାଇଥିଲା, ଅପିଲକାରୀ ମୃତ ବାଳକକୁ ଭଡ଼ା ଟଙ୍କା ସମ୍ବନ୍ଧରେ ପଚରାଉଚରା କରିଥିଲେ ଯେ ସେ ଭଡ଼ାର କିଛି ଅଂଶ ଆତ୍ମସାତ କରିଥିଲା କି ନାହିଁ, କିନ୍ତୁ ସେ ମନା କରିଥିଲା । ତେବେ ଅପିଲକାରୀ ଏଥିରେ ସନ୍ତୁଷ୍ଟ ହୋଇନଥିଲେ । ତେଣୁ, ସେ ମୃତ ବାଳକର ବ୍ୟକ୍ତିଗତ ତଲାସି ନେଇଥିଲେ, ଯାହା ଫଳରେ ତାଙ୍କ ପାଖରୁ 100/- ଟଙ୍କା ମିଳିଥିଲା । ଅପିଲକାରୀ କ୍ରୋଧାନ୍ୱିତ ହୋଇ ମୃତ ବାଳକକୁ ମାଡ଼ ମାରିବା ଆରମ୍ଭ କରିଥିଲେ । ମୃତ ବାଳକ ଏହାର ପ୍ରତିବାଦ କରିବାରୁ ଅପିଲକାରୀ ନିକଟରେ ରଖାଯାଇଥିବା ନିଜ ସ୍କୁଟରର ଡିକିରୁ ଏକ ଛୁରୀ ଆଣି ମୃତ ବାଳକର ତଳି ପେଟରେ ଏକ ଆଘାତ କରିଥିଲେ । ବସ କର୍ମଚାରୀ ଏବଂ ଯାତ୍ରୀମାନେ ଅପିଲକାରୀଙ୍କୁ ପରାମର୍ଶ ଦେଇଥିଲେ କି ମୃତକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଡାକ୍ତରଖାନା ନିଆଯାଉ । ଅପିଲକାରୀ କନ୍ହେୟା ନାମକ ଜଣେ ବ୍ୟକ୍ତିଙ୍କ ସହାୟତାରେ ଆହତଙ୍କୁ ଏକ ଦୁଇଚକିଆ ଯାନରେ ଏକ ବେସରକାରୀ କ୍ଲିନିକକୁ ନେଇଥିଲେ, କିନ୍ତୁ ସେଠାରେ ତାଙ୍କୁ ବଡ଼ ଡାକ୍ତରଖାନା ନେବାକୁ ପରାମର୍ଶ ଦିଆଯାଇଥିଲା । ତଦନୁସାରେ, ଅପିଲକାରୀ ଆହତଙ୍କୁ ଇ.ଏସ୍.ଆଇ. ହସ୍ପିଟାଲକୁ ନେଇ ସେଠାରେ ଭର୍ତ୍ତି କରିଥିଲେ।

ଅପିଲକାରୀ ସେଠାରେ ଉପସ୍ଥିତ ଡାକ୍ତରଙ୍କୁ କହିଥିଲେ ଯେ ସେ ଆହତଙ୍କୁ ରାସ୍ତାକଡ଼ରେ ଅଚେତ ଅବସ୍ଥାରେ ପଡ଼ିଥିବାର ଦେଖିଥିଲେ ଏବଂ ଜଣେ ସହୃଦୟ ବ୍ୟକ୍ତି ଭାବରେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ଆଣିଥିଲେ । ଇ.ଏସ୍.ଆଇ. ହସ୍ପିଟାଲର କର୍ତ୍ତବ୍ୟରତ କନଷ୍ଟେବଲ ଆହତଙ୍କ ଭର୍ତ୍ତି ସମ୍ବନ୍ଧରେ ଥାନାକୁ ସୂଚନା ଦେଇଥିଲେ, ଯାହା ପରେ ସବ୍-ଇନ୍ସପେକ୍ଟର ଡି.ପି. କାଜାଲା ଡାକ୍ତରଖାନାରେ ପହଞ୍ଚିଥିଲେ ଏବଂ ଜାଣିବାକୁ ପାଇଥିଲେ ଯେ ଆହତ ଜଣକ ବୟାନ ଦେବା ପାଇଁ ଅକ୍ଷମ ଥିଲେ । ଅଜ୍ଞାତ ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇପିସି ଧାରା 307 ଅଧୀନରେ ଏକ ମାମଲା ରୁଜୁ କରାଗଲା । ସେହି ଦିନ ପରେ ଇ.ଏସ୍.ଆଇ. ହସ୍ପିଟାଲରେ ଯୋଗେଶଙ୍କର ମୃତ୍ୟୁ ହୋଇଥିଲା ଏବଂ ମାମଲାଟି ଆଇପିସି ଧାରା 302 କୁ ପରିବର୍ତ୍ତିତ କରାଗଲା । ବିଚାରଣ ଅଦାଲତ ପାଇଥିଲେ ଯେ ସମସ୍ତ ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ଅଭିଯୋଜନ ପକ୍ଷକୁ ସମର୍ଥନ କରିନଥିଲେ, କିନ୍ତୁ ପାରିପାର୍ଶ୍ୱିକ ସାକ୍ଷ୍ୟ ପ୍ରମାଣ ଉପରେ ନିର୍ଭର କରି ଅଭିଯୁକ୍ତଙ୍କୁ ଆଇପିସି ଧାରା 302 ଅଧୀନରେ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ । ଉଚ୍ଚ ନ୍ୟାୟାଳୟରେ ଦାୟର କରାଯାଇଥିବା ଅପିଲ ମଧ୍ୟ ଖାରଜ ହୋଇଯାଇଥିଲା ।

3. ବିଶେଷ ଅନୁମତି ଜରିଆରେ କରାଯାଇଥିବା ବର୍ତ୍ତମାନର ଅପିଲଟି କେବଳ ଅପରାଧର ପ୍ରକୃତି ମଧ୍ୟରେ ସୀମିତ, ଯାହା ଅପିଲକାରୀଙ୍କ ଯୁକ୍ତି ଅନୁଯାୟୀ ଆଇପିସି ଧାରା 300 ର ବ୍ୟତିକ୍ରମ 4 ଅଧୀନରେ ଆସିବ ।

4. ଅପିଲକାରୀଙ୍କ ବିଜ୍ଞ ଅଧିବକ୍ତା ଶ୍ରୀ ସଞ୍ଜୀବ ଭଟନାଗର ସ୍ପଷ୍ଟ ଭାବେ ଜଣାଇଛନ୍ତି ଯେ ସୀମିତ ସୂଚନାକୁ ଦୃଷ୍ଟିରେ ରଖି ଅପିଲକାରୀଙ୍କ ଖଲାସ ପାଇଁ ଯୁକ୍ତି କରିବା ତାଙ୍କ ପାଇଁ ସମ୍ଭବ ନୁହେଁ । ତଦନୁସାରେ, ସେ ଦର୍ଶାଇଛନ୍ତି ଯେ ଅଭିଯୋଜନ ପକ୍ଷର କାହାଣୀକୁ ଯଦି ଗ୍ରହଣ କରାଯାଏ, ତେବେ ଏହା ସ୍ପଷ୍ଟ ଯେ ଆକସ୍ମିକ କଳହର ପରିଣାମ ସ୍ୱରୂପ ଏହି ମାମଲାଟି ଭାରତୀୟ ପିଙ୍ଗଳ ସଂହିତାର ଧାରା 300 ର ବ୍ୟତିକ୍ରମ 4 ଅଧୀନରେ ଆସିବ । ସେ ଦର୍ଶାଇଛନ୍ତି ଯେ ଅପିଲକାରୀ ମୃତକଙ୍କୁ କେବଳ ଗୋଟିଏ ସାମାନ୍ୟ ଆଘାତ କରିଥିଲେ ଏବଂ ତାହା ମଧ୍ୟ ପେଟରେ, ଏବଂ ଯେହେତୁ ଅପିଲକାରୀ ନିଜେ ମୃତକଙ୍କୁ ଡାକ୍ତରଖାନା ନେଇଥିଲେ, ଏଥିରୁ ଅନୁମାନ କରାଯାଇପାରେ ଯେ ମୃତକଙ୍କୁ ମାରିବା ପାଇଁ ତାଙ୍କର କୌଣସି ଉଦ୍ଦେଶ୍ୟ ନଥିଲା । ଏହି ଯୁକ୍ତିକୁ ଦିଲ୍ଲୀ ରାଜ୍ୟ ପକ୍ଷରୁ ବିଜ୍ଞ ଅଧିବକ୍ତା ଶ୍ରୀ ଅଶୋକ ଭାନ୍ ଦୃଢ଼ ବିରୋଧ କରିଛନ୍ତି ।

5. ଆମେ ପକ୍ଷମାନଙ୍କ ବିଜ୍ଞ ଅଧିବକ୍ତାମାନଙ୍କ ଦ୍ୱାରା ଉପସ୍ଥାପିତ ଯୁକ୍ତିଗୁଡ଼ିକୁ ଅତି ସାବଧାନତାର ସହ ପରୀକ୍ଷା କରିଛୁ । ଧାରା 300 ର କୌଣସି ବ୍ୟତିକ୍ରମର ପ୍ରୟୋଗ ପାଇଁ

ଅପରିହାର୍ଯ୍ୟ ସର୍ତ୍ତ ହେଉଛି ଯେ, ଏହା ଏକ ହତ୍ୟା ମାମଲା ହୋଇଥିବ କିନ୍ତୁ ଅଭିଯୁକ୍ତ ସେହି ଧାରାରୁ ବାହାରକୁ ଆଣିବା ପାଇଁ ଏବଂ ଏହାକୁ ନରହତ୍ୟା ପଦବାଚ୍ୟ ହେଉନଥିବା ଦୂଷଣୀୟ ନରବଧ କରିବା ପାଇଁ ବ୍ୟତିକ୍ରମର ସୁବିଧା ଦାବି କରିବେ । ତେଣୁ, ଆମକୁ ଧରିନେବାକୁ ହେବ ଯେ ଏହା ଏକ ହତ୍ୟା ମାମଲା ଅଟେ ଏବଂ ବ୍ୟତିକ୍ରମଟିର ପ୍ରୟୋଗ ସମ୍ବନ୍ଧରେ ଦର୍ଶାଇବା ଅଭିଯୁକ୍ତଙ୍କ ଦାୟିତ୍ୱ ଅଟେ । ବ୍ୟତିକ୍ରମ 4 ନିମ୍ନରେ ଦିଆଗଲା:

> "ବ୍ୟତିକ୍ରମ 4.- ଦୂଷଣୀୟ ନରବଧ ନରହତ୍ୟା ଶ୍ରେଣୀଭୁକ୍ତ ହେବ ନାହିଁ, ଯଦି ଏହା କୌଣସି ପୂର୍ବ-ପରିକଳ୍ପନା ବିନା, ଏକ ଆକସ୍ମିକ କଳହରୁ ସୃଷ୍ଟ ତୀବ୍ର କ୍ରୋଧାବେଶ ମଧ୍ୟରେ ଘଟିଥିବା ଆକସ୍ମିକ ସଂଘର୍ଷରେ କରାଯାଇଥାଏ ଏବଂ ଅପରାଧୀ କୌଣସି ଅନୁଚିତ ଫାଇଦା ନେଇ ନଥାନ୍ତି କିମ୍ବା କ୍ରୁର ବା ଅସାଧାରଣ ଭାବେ କାର୍ଯ୍ୟ କରି ନଥାନ୍ତି" ।

ଏହି ବ୍ୟବସ୍ଥାର ଅନୁଧ୍ୟାନରୁ ଜଣାପଡ଼େ ଯେ ମାମଲାଟିକୁ ବ୍ୟତିକ୍ରମ 4 ର ଅଧୀନରେ ଆଣିବା ପାଇଁ ଚାରୋଟି ସର୍ତ୍ତ ପୂରଣ ହେବା ଆବଶ୍ୟକ:

(i) ଏହା ଏକ ଆକସ୍ମିକ ଲଢ଼େଇ ଥିଲା;

(ii) ଏଥିରେ କୌଣସି ପୂର୍ବ-ପରିକଳ୍ପନା ନଥିଲା;

(iii) କାର୍ଯ୍ୟଟି କ୍ରୋଧାବେଶରେ କରାଯାଇଥିଲା; ଏବଂ;

(iv) ଆକ୍ରମଣକାରୀ କୌଣସି ଅନୁଚିତ ଫାଇଦା ନେଇନଥିଲେ କିମ୍ବା କ୍ରୁର ଭାବେ କାର୍ଯ୍ୟ କରିନଥିଲେ ।

6. ଆମର ମତ ହେଉଛି ଯେ ଉପରୋକ୍ତ ତଥ୍ୟଗୁଡ଼ିକ ବ୍ୟତିକ୍ରମ 4 ର ପ୍ରୟୋଗକୁ ଯଥାର୍ଥ ପ୍ରତିପାଦନ କରୁନାହିଁ । ସ୍ୱୀକାରଯୋଗ୍ୟ ଯେ ଏହି ଘଟଣାରେ କୌଣସି ପୂର୍ବ-ପରିକଳ୍ପନା ନଥିଲା । ତେବେ ଆକସ୍ମିକ ଲଢ଼େଇର ଦ୍ୱିତୀୟ ଆବଶ୍ୟକତା ଏଠାରେ ନାହିଁ । ତଥ୍ୟରୁ ଜଣାପଡୁଛି ଯେ କୌଣସି ଆକସ୍ମିକ କଳହ ହୋଇନଥିଲା ଏବଂ ଏହା ଅପିଲକାରୀଙ୍କ ପକ୍ଷରୁ ଏକତରଫା କାର୍ଯ୍ୟ ଥିଲା କାରଣ ସେ ସନ୍ଦେହ କରିଥିଲେ ଯେ ମୃତକ ଭଡ଼ା ଟଙ୍କା ଆତ୍ମସାତ କରିଥିଲେ । ମୃତକଙ୍କର ଏଥିରେ କୌଣସି ଭୂମିକା ନଥିଲା । ଆମେ ଏହା ମଧ୍ୟ ଦେଖୁଛୁ ଯେ ଅପିଲକାରୀ ନିଜ ସ୍ଥିତିର ଅନୁଚିତ ଫାଇଦା ଉଠାଇଥିଲେ, ଯେହେତୁ ସେ ସ୍କୁଟର ପାଖକୁ ଦୌଡ଼ି ଯାଇ, ଡିକି ଖୋଲି, ଏକ ଛୁରୀ ବାହାର କରି ଜଣେ ଅଳ୍ପବୟସ୍କ ଓ ନିରସ୍ତ୍ର ବାଳକର ଶରୀରରେ ଆଘାତ କରିଥିଲେ । ତେଣୁ,

ଏହା ଏକ ସ୍ୱଷ୍ଟ ମାମଲା ଯେଉଁଠାରେ ଅପିଲକାରୀ ନିଜ ସ୍ଥିତିର ଅନୁଚିତ ଫାଇଦା ଉଠାଇଥିଲେ । ଏହା ମଧ୍ୟ ସୁପ୍ରତିଷ୍ଠିତ ଯେ ଏଭଳି କ୍ଷେତ୍ରରେ କରାଯାଇଥିବା ଆଘାତର ସଂଖ୍ୟା ଅପରାଧର ପ୍ରକୃତି ନିର୍ଦ୍ଧାରଣ କରିବା ପାଇଁ ଚୂଡ଼ାନ୍ତ ନୁହେଁ, ବରଂ ମୁଖ୍ୟତଃ ଘଟଣା ପୂର୍ବର ପରିସ୍ଥିତିକୁ ଦେଖିବାକୁ ହେବ । ତେଣୁ, ଆମର ମତ ଯେ ଅପିଲକାରୀଙ୍କ ମାମଲା ବ୍ୟତିକ୍ରମ 4 ଅଧୀନରେ ଆସିପାରିବ ନାହିଁ ।

7. ତଦନୁସାରେ, ଆମେ ଅପିଲଟିକୁ ଖାରଜ କରୁଛୁ ।

ଆର୍.ପି. ଅପିଲ ଖାରଜ ହେଲା ।

## <u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***<u>ଭାଷାନ୍ତର :</u>***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**